






# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

# ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

# ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ଫ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାମ୍ନିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ୱର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପନ୍ୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାମ୍ବକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢ଼ିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ବିଶ୍ୱ ହୃଦୟ ଦିବସ ପାଳନର ତାତ୍ପର୍ଯ୍ୟ



ପ୍ରକୃତି ମନୁଷ୍ୟ ଶରୀରରେ ଏପରି ଏକ ଯନ୍ତ୍ର(ପାଣିପମ୍ପ) ଖଞ୍ଜି ଦେଇଛି, ଯାହା ଶିଶୁ, ମାତୃ ଗର୍ଭରେ ଥିବାବେଳୁ କାର୍ଯ୍ୟ ଆରମ୍ଭ କରି ଅନବରତ ଭାବେ ମୃତ୍ୟୁପର୍ଯ୍ୟନ୍ତ କାର୍ଯ୍ୟ କରିଥାଏ। ବୈଜ୍ଞାନିକ ମାନେ ଏପର୍ଯ୍ୟନ୍ତ, ବିନା ବିଶ୍ରାମରେ ଅଶିବର୍ଷ, ଶହେବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରୁଥିବା ପରି ପାଣିପମ୍ପ ବାହାର କରିବାକୁ ସକ୍ଷମ ହୋଇପାରିନାହାନ୍ତି।ଆମ ଶରୀରର କେତେକ ଅଙ୍ଗ ପ୍ରତ୍ୟଙ୍ଗ ଆମ ଇଚ୍ଛା ଅନୁସାରେ ପରିଚାଳିତ ହେଉଥିବା ସ୍ଥଳେ ଆଉ କେତେକ ସ୍ୱୟଂକ୍ରିୟ।ଏହି ସ୍ୱୟଂକ୍ରିୟ ଅଙ୍ଗ ମଧ୍ୟରୁ ଆମ ଶରୀରରେ ହୃଦୟ ହେଉଛି ଏକ ଗୁରୁତ୍ୱପୂର୍ଣ ଅଙ୍ଗ, ଯାହା ଅକାମୀ ହୋଇଗଲେ,ମନୁଷ୍ୟ ମୃତ୍ୟୁ ମୁଖରେ ପଡେ। ତେଣୁ ଏହି ଗୁରୁତ୍ୱପୂର୍ଣ ଅଙ୍ଗକୁ ସୁସ୍ଥ ଏବଂ କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଆମ୍ଭଙ୍କୁ କେତେକ ସତର୍କତା ଅବଲମ୍ବନ କରିବାକୁ ପଡିବ।ସର୍ବେକ୍ଷଣରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ଷକୁ ସମୁଦାୟ ମୃତ୍ୟୁ ମଧ୍ୟରୁ ୩୧% ବା ୧୭.୯ ମିଲିୟନ ଲୋକ (କାର୍ଡିଓଭାସ୍କୁଲାର ଡିଜିଜ) Cardiovascular diseases (CVDs)ହୃଦଘାତ ଜନୀତ ମୃତ୍ୟୁ ମୁଖରେ ପଡୁଛନ୍ତି।ଲୋକମାନଙ୍କୁ ଏଦିଗରେ ସଚେତନ କରାଇବା ପାଇଁ, ଓାର୍ଲଡ ହେଲ୍‌ଥ ଅରଗାନାଇଜେସନ୍ (World Health Organisation (WHO) ସହାୟତାରେ ଦି ଓାର୍ଲଡ ହାର୍ଟ ଫାଉଣ୍ଡେସନ୍) (The World Heart Foundation) ଦ୍ୱାରା ,୧୯୯୯ ମସିହା ଠାରୁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୯ ତାରିଖ ଦିନ WorldHeart Day ବା ବିଶ୍ୱ ହୃଦୟ ଦିବସ ପାଳିତ ହେଉଅଛି।ଏହି ଦିବସରେ ଅନେକ ବିଭାଗୀୟ ଅଭିଜ୍ଞ ଡାକ୍ତର,ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ପୋଷ୍ଟର,ଲିଫଲେଟ,ପଥପ୍ରାନ୍ତ ନାଟକ, ଟିଭି ରେଡିଓ ମାଧ୍ୟମରେ ବାର୍ତା ପ୍ରଚାର କରି,ଏ ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ ଓ ସଚେତନ କରାଇଥାନ୍ତି।ଏହିରୋଗ ସାଧାରଣତଃ ତମାଖୁସେବନ, ଧୁମପାନ, ମଦ୍ୟପାନ,ଅନିୟମିତ ଅସନ୍ତୁଳିତ ଖାଦ୍ୟାଭାସ ତଥା ପ୍ରଦୁଷିତ ବାୟୁ ସେବନ ଯୋଗୁ ଆକ୍ରାନ୍ତ କରିବାର ଯଥେଷ୍ଟ ସମ୍ଭାବନା ଥାଏ। ଉପରୋକ୍ତ ଅଭ୍ୟାସ ଯୋଗୁ ଉଚ୍ଚ ରକ୍ତଚାପ, ଶରୀରରେ ଶର୍କରା ବୃଦ୍ଧି ବା ମଧୁମେହ, ମୋଟାପଣ ଇତ୍ୟାଦି ହୋଇଥାଏ,ଯାହାକି ହୃଦଘାତକୁ ସାଦର ନିମନ୍ତ୍ରଣ କରିଥାଏ। ଶାରିରୀକ ପରିଶ୍ରମ ବା ବ୍ୟାୟାମ କରୁନଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଏହା ସହଜରେ ଆକ୍ରାନ୍ତ କରିଥାଏ। ପ୍ରତ୍ୟେକ ବର୍ଷ ଏହି ଦିବସକୁ ପାଳନ କରିବା ପାଇଁ ଏକ ବିଷୟ ବସ୍ତୁ ଚୟନ କରାଯାଏ।୨୦୨୦ ବର୍ଷର ବିଷୟ ବସ୍ତୁ ଥିଲା (ୟୁଜ୍ ୟୁୟୋର ହାର୍ଟ ଟୁ ବିଟ୍ ସିଭିଡି)(Use Your Heart to beat CVD)ଚଳିତ ବର୍ଷ ୨୦୨୧ରେ ମଧ୍ୟ ଗତ ବର୍ଷର ବିଷୟ ବସ୍ତୁ(ୟୁଜ୍ ୟୁୟୋର ହାର୍ଟ ଟୁ ବିଟ୍ ସିଭିଡି)କୁ ଚାଲୁ ରଖା ଯାଇଛି। ସାରା ବିଶ୍ୱରେ କୋଭିଡ-୧୯ ସଂକ୍ରମଣର ଭୟାବହତା ଦୃଷ୍ଟିରୁ,ଏ ବର୍ଷ ବିଶ୍ୱ ହୃଦୟ ଦିବସ ପାଳିତ ହେବାର ଯଥେଷ୍ଟ ଗୁରୁତ୍ୱ ରହିଅଛି। ନିଶା ସେବନ, ଅସନ୍ତୁଳିତ ଖାଦ୍ୟ ଗ୍ରହଣରୁ ଦୁରେଇ ରହି,ନିୟମିତ ଶାରିରୀକ ବ୍ୟାୟାମ କରି,ନିଜେ ଏ ଖର୍ଚ୍ଚବହୁଳ ରୋଗର ଚିକିତ୍ସା ଠାରୁ ଦୁରେଇ ରହିବା ସଙ୍ଗେ ସଙ୍ଗେ, ଅନ୍ୟ ପ୍ରିୟଜନ ତଥା ଅବଚେତନ ଜନସାଧାରଣଙ୍କୁ ସଚେତନ କରାଇବା ନିମନ୍ତେ, ଆମ୍ଭେ ସମସ୍ତେ ସଜାଗ ହେବାହିଁ ଆଜି ଦିବସର ତାତ୍ପର୍ଯ୍ୟ।

**ପ୍ରଦୀପ୍ତ ଆଚାର୍ଯ୍ୟ, ଶିକ୍ଷାବିତ୍. ଈଶାଣୀବ୍ରହ୍ମପୁର,କଟକ।**
ମୋ-୬୩୭୧୫୯୩୨୨୦

## ବିଶିଷ୍ଟ ଲେଖିକା ମନୋରମା ମହାପାତ୍ର ଓ ସାମ୍ବାଦିକ ଅରିନ୍ଦମ ଦାସଙ୍କ ବିୟୋଗରେ ସଂସଦର ସ୍ମୃତିଚାରଣ ସଭା

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଆନୁକୁଲ୍ୟରେ ଦୈନିକ ସମାଜର ପ୍ରାକ୍ତନ ସମ୍ପାଦିକା, ବିଶିଷ୍ଟ ଲେଖିକା ମନୋରମା ମହାପାତ୍ର ଏବଂ ଓଟିଭିର ମୁଖ୍ୟ ରିପୋର୍ଟର ଅରିନ୍ଦମ ଦାସଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ସଂସଦର ସଭାପତି ଡଃ ବାସୁଦେବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା



କରାଯାଇଥିଲା । ଏଥିରେ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ ପ୍ରାରମ୍ଭିକ ସୂଚନା, ବିବରଣୀ ପ୍ରଦାନ ଓ ଦୁଇ ମହାନ ଆତ୍ମାଙ୍କ ସ୍ମୃତି ଚାରଣ କରିଥିଲେ । ସଂସଦର ଉପସଭାପତି ଆଇନଜୀବି ପ୍ରଦୀପ କୁମାର ଦାଶ ମୁଖ୍ୟଅତିଥି ଶିକ୍ଷାବିତ୍ କାଶୀନାଥ ରାଉତରାୟ, ଗୀତି କବି ସୁବାଷ ଚନ୍ଦ୍ର ପାତ୍ର, ସାମ୍ବାଦିକ ସୋମନାଥ ସାହୁ, ସଂଜୟ କୁମାର ମଥାନ, ରଞ୍ଜନ ବାଇ, ଅଜୟ କୁମାର ପାତ୍ର, ମନୋଜ କୁମାର ଦାସ, ଆଶିଷ ସେନାପତି, ଅମରବର ବିଶ୍ୱାଳ, କାର୍ତ୍ତିକ ଚରଣ ନାୟକ ପ୍ରମୁଖ ଡଃ ମହାପାତ୍ର ଓ ସାମ୍ବାଦିକ ସ୍ୱର୍ଗତ ଦାଶଙ୍କ ଜୀବନ ସଂଗ୍ରାମ, କାର୍ଯ୍ୟଧାରା ଓ ସମାଜପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଶ୍ରଦ୍ଧାଞ୍ଜଳୀ ଜ୍ଞାପଣ କରିଥିଲେ । ଏହାପରେ ଏକ କବିତାପାଠୋତ୍ସବ କବି ଅଶୋକ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଶେଷରେ ଶରତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତ ବନ୍ଦ ପାଇଁ ସହରରେ ବୁଲିଲା ମଶାଲ ଶୋଭାଯାତ୍ରା



କେନ୍ଦ୍ରାପଡ଼ା (ପିଏନ୍): ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଭାରତ ବନ୍ଦ ପାଇଁ କୃଷକ, ଶ୍ରମିକ, ଯୁବ, ଛାତ୍ର, ମହିଳା, ଶିକ୍ଷକ, ବୀମା, ବ୍ୟାଙ୍କ କର୍ମଚାରୀ ସଂଗଠନ ଓ ବିଭିନ୍ନ ବିରୋଧୀ ରାଜନୈତିକ ଦଳ ପକ୍ଷରୁ ମିଳିତ ଭାବେ ଗତ ରବିବାର ସନ୍ଧ୍ୟାରେ କେନ୍ଦ୍ରାପଡା ସହରରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସହରର ତିନିମୁହାଣି ଠାରୁ ମୁଖ୍ୟ ରାସ୍ତା ଦେଇ ସାନ୍ତସାହି ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ପରିକ୍ରମା କରିବା ସହିତ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏହି ମଶାଲ ଶୋଭାଯାତ୍ରାର ସିପିଆଇ(ଏମ)ର ଜିଲ୍ଲା ସମ୍ପାଦକ ଗୟାଧର ଧଳ, କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ଦାସ, ସିପିଆଇ ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସିପିଆଇ(ଏମଏଲ) ନେତା ସଞ୍ଜୀବ ରାଉତ, ଏସୟୁସିଆଇର ଜିଲ୍ଲା ସମ୍ପାଦିକା ଏଲୀନା ସାମନ୍ତରାୟ, କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧାପକ ଅଜୟ ସାମଲ, ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ଆଇ.ଏନ.ଟି.ୟୁ.ସି. ସଭାପତି ମୁକ୍ତାର ଖାଁ, ଏ.ଆଇ.ଟି.ୟୁ.ସି.ର ଜିଲ୍ଲା ସଭାପତି ବାବାଜୀ ଧଳ, ସି.ଆଇ.ଟି.ୟୁ.ସି.ର ଜିଲ୍ଲା ସମ୍ପାଦକ ଜଗତଜୀବନ ଦାଶ, ଏ.ଆଇ.କେ.ଏସ. ନେତା ଆଦିକନ୍ଦ ରାଉଳ, ଚିତ୍ରସେନ ପରିଡା, କିଷାନ କଂଗ୍ରେସ ସଭାପତି ନାରାୟଣ ପରିଡା, ଚାଷୀ ମୂଲିଆ ସଙ୍ଘ ସଭାପତି ଫକିର ଚରଣ ଖଟୁଆ, ମୀର ମୁର୍ଶିଦ, ସମ୍ବିତ ଶ୍ରୀଚନ୍ଦନ, ପରଭେଜ ଅକ୍ତର, ସେକ ଅମୀର ଅହେମ୍ମଦ, ଓଡିଶା କୃଷକ ସଭାର ଜିଲ୍ଲା ନେତା ମାଧବ ଦାସ, ବୀମା କର୍ମଚାରୀ ନେତା ଅମୀୟ ନାୟକ ପ୍ରମୁଖ ନେତୃତ୍ୱ ନେବା ସହ ଭାରତ ବନ୍ଦ ପାଇଁ ସହରବାସୀଙ୍କୁ ନିବେଦନ କରିଥିଲେ।

## କେନ୍ଦ୍ରାପଡା ଜିଲ୍ଲାରେ ୧୨କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ଜିଲ୍ଲାରେ ଗତ ରବିବାର ୧୨ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଡେରାବିଶ ବ୍ଲକରେ ୩ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ ମହାକାଳପଡା ବ୍ଲକରେ ଜଣେ, ମାର୍ଶାଘାଇ ବ୍ଲକରେ ୨ଜଣ, ରାଜକନିକା ବ୍ଲକରେ ଜଣେ, ରାଜନଗର ବ୍ଲକରେ ୨ଜଣ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ୩ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।

## ଟାଉନ ପୋଲିସ ପକ୍ଷରୁ ସୁନା ଦୋକାନ ଉପରେ ଚଢାଉ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଟାଉନଥାନା ପୋଲିସ ପକ୍ଷରୁ କେନ୍ଦ୍ରାପଡା ସହରର କାକଟ ଛକରେ ଥିବା ମଣୀ ଜୁଏଲାର୍ସ ଉପରେ ଚଢାଉ କରାଯାଇଥିବା ଦେଖାଯାଇଥିଲା । କେତେକ ଚୋରା ସୁନା ଆଣି କେନ୍ଦ୍ରାପଡାରେ ବିକ୍ରୀ କରାଯାଇଥିବା ସମ୍ପର୍କରେ ପୋଲିସ ଖବର ପାଇ ଏହି ଚଢାଉ କରିଥିବା ଟାଉନଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି । ତଦନ୍ତ ସମ୍ପୂର୍ଣ୍ଣ ହୋଇ ନଥିବାରୁ ଘଟଣାର ସବିଶେଷ ବିବରଣୀ ଏବେ ପୋଲିସ ପ୍ରଦାନ କରିବାକୁ ମନାକରିଛି ।

## ଜିଲ୍ଲାରେ ୫କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ସୋମବାର ୫ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଡେରାବିଶ ବ୍ଲକରେ ୨ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ କେନ୍ଦ୍ରାପଡା ବ୍ଲକରେ ଜଣେ, ମହାକାଳପଡା ବ୍ଲକରେ ଜଣେ ଓ କେନ୍ଦ୍ରାପଡା ପୌରାଞ୍ଚଳରେ ଜଣେ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।

# ସେପ୍ଟେମ୍ବର ୨୭ ଭାରତ ବନ୍ଦର ଗ୍ରାମାଞ୍ଚଳରେ ପ୍ରଭାବ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ପଞ୍ଚାୟତର କୁସୁନୁପୁର ମଠ ପରିସରରେ ଅରଡପଲ୍ଲୀ, ସାନଜରିଆ, ବଡମୋହନପୁର ଭଳି ୩ଟି ପଞ୍ଚାୟତର ୧୬ଟି ରାଜସ୍ୱ ଗ୍ରାମର ଅଗ୍ରଣୀ ଚାଷୀମାନଙ୍କର ମିଳିତ ବୈଠକରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ସେପ୍ଟେମ୍ବର ୨୭ ଭାରତ ବନ୍ଦକୁ ସମର୍ଥନ କରାଯାଇ ସ୍ଥାନୀୟ ଗ୍ରାମାଞ୍ଚଳ ଠାରୁ ପଟ୍ଟାମୁଣ୍ଡାଇ ସହରାଞ୍ଚଳ ପର୍ଯ୍ୟନ୍ତ ଜରୁରୀ ସେବା ବ୍ୟତିତ ସମସ୍ତ ଅନୁଷ୍ଠାନ ଓ ଯାନବାହାନ ଚଳାଚଳ ବନ୍ଦ ରଖାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସଭାରେ ସଂଯୁକ୍ତ କିଷାନ ମୋର୍ଚ୍ଚାର କେନ୍ଦ୍ରାପଡା ଜିଲ୍ଲା ଆବାହକ ଗୟାଧର ଧଳ, ଓଡିଶା କୃଷକ ସଭା ଜିଲ୍ଲା ନେତା ବିଜୟ ଦାସ, ନବ ନିର୍ମାଣ କୃଷକ ସଂଗଠନ କିଷାନ ଦାଶରଥୀ ସାହୁ, ଦୋଳଗୋବିନ୍ଦ ସାହୁ, ସାନଜରିଆ ପଞ୍ଚାୟତର ନାଏବ ସରପଞ୍ଚ ସୁରେନ୍ଦ୍ର ପରିଡା ପ୍ରମୁଖ ଭାରତ ବନ୍ଦ ସମର୍ଥନରେ ବକ୍ତବ୍ୟ ରଖିଥିଲେ। ୱାର୍ଡସଭ୍ୟ ତଥା ଯୁବ କୃଷକ ସହଦେବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚାଷୀ ସୁଦର୍ଶନ ମଳିକ, ଶିଶିର ବାରିକ, ଅକ୍ଷୟ ଜେନା, ଶତ୍ରୁଘନ ରାଉତ, ସୁକାନ୍ତ ସାହୁ, ନିତ୍ୟାନନ୍ଦ ଦାଶ, ଶ୍ରୀନିବାସ ମଳିକ, ପ୍ରାଣକୃଷ୍ଣ ଗାହାଣ, ଭଜହରି ପ୍ରଧାନ, ବିଭୂତି ଭୂଷଣ ଦାସ, ରବିନ୍ଦ୍ର ମଳିକ, ପ୍ରତାପ ନାୟକ, ସୁନାକର ବେହେରା, ହରେକୃଷ୍ଣ ବାରିକ, ଗୁଣମଣୀ ବେହେରା, ଭୀମସେନ ବେହେରା, ପ୍ରେମାନନ୍ଦ ମଳିକ ପ୍ରମୁଖ ଅଗ୍ରଣୀ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଉତରା ଛକରେ ଭାରତ ବନ୍ଦ ପାଳନ

ଭୁବନେଶ୍ୱର (ପିଏନ୍)-ଗତକାଲି ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଉତରା ଛକ ଠାରେ ଭାରତ ବନ୍ଦ ପାଳନ କରିଥିଲେ। ଶ୍ରୀ ନୱାଜ ଦୀର୍ଘ ୨ ଘଂଟା ଧରି ଭୁବନେଶ୍ୱର-ପୁରୀ ରାଜପଥ ଅବରୋଧ କରିବାପରେ ଶ୍ରୀ ନୱାଜ ଓ ଅନ୍ୟ ଛାତ୍ର କଂଗ୍ରେସ କର୍ମକର୍ତା ମାନଙ୍କୁ ଗିରଫ କରିଥିଲେ। ଗିରଫରୁ ମୁକ୍ତି ହେଲାପରେ ମଧ ଶ୍ରୀ ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମକତାମାନେ ମାଷ୍ଟରକ୍ୟାଂଟିନ ଛକ, ଶ୍ରୀୟା ଛକ, ରୂପାଲି ଛକ, ବାଣିବିହାର ଓ ସହିଦ ନଗର ଠାରେ ବନ୍ଦ ପାଳନ କରିଥିଲେ। ପ୍ରାୟ ୧୮ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ବ୍ୟାଙ୍କ ପ୍ରତିଷ୍ଠାନକୁ ବନ୍ଦ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱା କହିଥିଲେ ଯେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ୩ଟି କଳା କୃଷି ଆଇନ ପ୍ରଣୟନ କରି ଏଦେଶର କୃଷକ ସମାଜର ଭାଗ୍ୟକୁ ଅନ୍ଧକାରକୁ ଠେଲି ଦେଇଛନ୍ତି। ମୋଦିଙ୍କ କର୍ପୋରେଟ ବନ୍ଧୁ ଏଥିରେ ଉପକୃତ ହେବେ। ଋଷୀମାନଙ୍କୁ କ୍ରୀତ ଦାସ ସଜାଇବାକୁ ମୋଦି ଚକ୍ରାନ୍ତ କରିଛନ୍ତି। ଏମ୍.ଏସ.ପି ଓ ଏପି.ଏମ.ସି ଉଠାଇ ଏ ଦେଶର କୃଷକମାନଙ୍କୁ ରସାତଳ ଗାମୀ କରିଦେବେ। ଅତ୍ୟାବଶକୀୟ ଦ୍ରବ୍ୟ ସଂସୋଧନ ଆଇନ ପ୍ରଣୟନ ଫଳରେ କଳାବଜାରୀ ମାନଙ୍କ ହାତକୁ ବଜାର ନିୟନ୍ତ୍ରଣକୁ ଋଲିଯିବ। ମୋଦି ସରକାର ଅନ୍ନଦାତାଙ୍କୁ ଦେଶ ଦ୍ରୋହୀ ଆଖ୍ୟା ଦେବା ସହ ସେମାନଙ୍କ ରାସ୍ତାରେ କଂଟା ପୋତିବା ସହ ଭଡାଟିଆ ବିଜେପି ଗୁଣ୍ଡା ଲଗାଇ ସେମାନଙ୍କୁ ଆକ୍ରମଣ କରିବା ଦୁର୍ଭାଗ୍ୟଜନକ ଏବଂ ଅଗଣତାନ୍ତ୍ରିକ। ଏହି କାର୍ଯ୍ୟକ୍ରମରେ ସୁନିଲ ମାଟିଆ, ଆଦିତ୍ୟ ପ୍ରିତମ ଦାସ, ସାହରୁଖ ଖାନ, ବିଶ୍ୱଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, କାର୍ତିକେଶ୍ୱର କାଣ୍ଡି, ଭାଗ୍ୟଶ୍ରୀ ମହାନ୍ତି, ଅବିନାଶ ନନ୍ଦ, ବାବୁ ଜେନା, ଅଜିତ ବାରିକ, ସାସ୍ୱତ ନନ୍ଦ, ସୂର୍ଯ୍ୟକାନ୍ତ ସାହୁ, ପ୍ରତ୍ୟୁଷ ପ୍ରଧାନ, ଶିବଶକ୍ତି ଦିଗଲ, ସଂନ୍ଦିପ ରାଉତ, ବବୁଲ ବେହେରା, ରିଆଜୁଦ୍ଦିନ ଖାନ, ବିଭୁତି ଭୂଷଣ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଭାରତବନ୍ଦ ଡାକରାରେ ପିସିସି କିଷାନ କଂଗ୍ରେସ ସାମିଲ

ଭୁବନେଶ୍ୱର (ପିଏନ୍)- କୃଷି ଓ କୃଷକ ବିରୋଧୀ କେନ୍ଦ୍ର ବିଜେପି ସରକାରର ପ୍ରଣୀତ କଳା କୃଷି ଆଇନର ତୁରନ୍ତ ପ୍ରତ୍ୟାହାର ଓ ସମସ୍ତ ଧରଣର କୃଷିଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନ ସମ୍ମତ କରିବା ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନ କ୍ରମେ ଭାରତୀୟ ଜାତୀୟ କଂଗ୍ରେସ ସମେତ ଦେଶର ସମଭାବାପନ୍ନ ୧୯ଟିରୁ ଉର୍ଦ୍ଧ୍ୱ ରାଜନୈତିକ ଦଳର ଦୃଢ଼ ସମର୍ଥନରେ ଗତକାଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ରେଲୱେ ଷ୍ଟେସନ, ମାଷ୍ଟର କ୍ୟାଣ୍ଟିନ୍ ସମେତ ରାଜ୍ୟର ପ୍ରତି ଜିଲ୍ଲା ଓ ବ୍ଲକସ୍ତରରେ ଭାରତବନ୍ଦକୁ ସଫଳ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପିସିସି କିଷାନ କଂଗ୍ରେସ ରାଜ୍ୟ ସଭାପତି ଅମୀୟ କୁମାର ପଟ୍ଟନାୟକ, ସୁବାଷ ରାଉତ, ଅରବିନ୍ଦ ସାମଲ, ରଘୁନାଥ ପଲିଆ, ସାନନ୍ଦ ମିଶ୍ର, ଦେବେନ୍ଦ୍ର ସାହୁ, ଦାଶରଥି ସାହୁ, ବୃନ୍ଦାବନ ଖଟେଇ, ରାମ ନାରାୟଣ ମହାନ୍ତି, ରତିକାନ୍ତ ଗଡ଼ନାୟକ, ବିପ୍ରବର ସାହୁ, ଭୋବନାନନ୍ଦ ସାମଲ, ଧ୍ରୁବ ଚରଣ ପରିଡ଼ା, ପଦ୍ମଚରଣ ସାହୁ, ନରେନ୍ଦ୍ର କୁମାର ପଣ୍ଡା, ସ୍ୱପ୍ନେଶ୍ୱର ପୃଷ୍ଟି, ଗୋବିନ୍ଦ ମିଶ୍ର, ସନ୍ତୋଷ ସାହୁ, ଉମେଶ ସାହୁ, ନର ନାରାୟଣ ଜେନା, ନରେନ୍ଦ୍ର ରାଉତ, ମହେନ୍ଦ୍ର କୁମାର ପରିଡ଼ା, ନାରାୟଣ ଚନ୍ଦ୍ର ପରିଡ଼ା, ନିରଞ୍ଜନ ବେହେରା, ଯଶୋଦା ନନ୍ଦନ ସିଂହ, ଦେବେନ ଦେବ ଲୋଭାନ, ଭବାନୀ ଶଙ୍କର ରଥ ପ୍ରମୁଖ କିଷାନ କଂଗ୍ରେସ କର୍ମକର୍ତ୍ତାମାନେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନକୁ ସଫଳ କରାଇଛନ୍ତି। ଏହି ପରିପ୍ରେକ୍ଷୀରେ କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କେନ୍ଦ୍ର ବିଜେପି ସରକାରର ୭ ବର୍ଷ ଶାସନ କାଳରେ ଦୈନନ୍ଦିନର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଆକାଶ ଛୁଆଁ ଦରବୃଦ୍ଧି, ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି, ବେକାରୀ ସମସ୍ୟା, ବିଶେଷ କରି ଏହି ସରକାରର କର୍ପୋରେଟ ସ୍ୱାର୍ଥ ରକ୍ଷାରେ ସବୁ ଗର୍ବର ଲୋକଙ୍କ ଅବସ୍ଥା ଅତ୍ୟନ୍ତ ଦୁଃସହ ହୋଇ ପଡ଼ିଛି। ତିନୋଟି କଳା କୃଷି ଆଇନ ପ୍ରଣୟନ ହେବା ଦ୍ୱାରା ଚାଷୀର ଜମି ଓ ଉତ୍ପାଦିତ ଦ୍ରବ୍ୟ ସଂପୂର୍ଣ୍ଣ ଭାବେ ଏକଚାଟିଆ ପୁଞ୍ଜିପତିମାନଙ୍କ ଅକ୍ତିଆରକୁ ଚାଲିଯିବ। ଚାଷୀମାନେ ତଳିତଳାନ୍ତ ହେବେ। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ କର୍ପୋରେଟ ମାନେ ନିୟନ୍ତ୍ରଣ କରିବେ। ଫଳରେ ଏହି ଦ୍ରବ୍ୟଗୁଡ଼ିକର ବେଆଇନ ମହଜୁଦ ଓ କଳାବଜାରୀ ହେବା ସହିତ ପୁନଶ୍ଚ ଅହେତୁକ ମୂଲ୍ୟବୃଦ୍ଧି ଘଟିବ। ତେଣୁ ଏହି କୃଷି ଆଇନର ତୁରନ୍ତ ପ୍ରତ୍ୟହାର କରା ନ ଗଲେ ଚାଷୀ ସଂଗଠନଗୁଡ଼ିକର ଆନ୍ଦୋଳନରେ କିଷାନ କଂଗ୍ରେସ ସାମିଲ ରହି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନକୁ ଦୁର୍ବାର କରିବ ବୋଲି ଶ୍ରୀ ପଟ୍ଟନାୟକ ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି।

# ଭାରତ ବନ୍ଦ ସଫଳ ହୋଇଛି




ଭୁବନେଶ୍ୱର (ପିଏନ୍)- କେନ୍ଦ୍ର ବିଜେପି ସରକାରଙ୍କ କୃଷି ମାରଣ ନୀତି ଯୋଗୁଁ ଦେଶରେ ଚାଷୀମାନଙ୍କର ଜୀବନ ଜୀବିକା ଦୁର୍ବିସହ ହୋଇପଡ଼ିଛି। କୃଷକମାନେ ଆମର ଅନ୍ନଦାତା ଓ ଅର୍ଥନୀତିର ମେରୁଦଣ୍ଡ। କୃଷକ ଭାଇଭଉଣୀମାନେ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ୩ଟି କଳା କୃଷି ଆଇନକୁ ବିରୋଧ କରିବା ଏବଂ ପ୍ରତ୍ୟାହାର କରିବା ସଂପୂର୍ଣ୍ଣ ଯଥାର୍ଥ ଓ ଯୁକ୍ତି ସଂଗତ ବୋଲି ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ ଆଜି ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାରେ ରାଜଧାନୀରେ ସାମିଲ ହୋଇ ମତବ୍ୟକ୍ତ କରିଛନ୍ତି। ଭାରତୀୟ ଜାତୀୟ କଂଗ୍ରେସ ସମେତ ଦେଶର ୧୯ ଗୋଟି ସମଭାବାପନ୍ନ ରାଜନୈତିକ ଦଳ ଏହି ବନ୍ଦକୁ ପୂର୍ଣ୍ଣ ସମର୍ଥନ ଦେଇଛନ୍ତି ବୋଲି କହିବା ସହ ଦୀର୍ଘ ଦିନ ଧରି କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ, ଧର୍ମଘଟ ଜାରି ରହିଥିଲେ ମଧ କେନ୍ଦ୍ର ସରକାର ସେଥିପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସେ କହିଛନ୍ତି। କଂଗ୍ରେସ ଦଳ ସର୍ବଦା ଋଷୀମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ଆସିଛି। ବିଗତ ଦିନରେ ଅନୁଷ୍ଠିତ ଭାରତ ବନ୍ଦକୁ ମଧ କଂଗ୍ରେସ ଦଳ ସମର୍ଥନ କରିଛି ଏବଂ ଆଜି ମଧ ସେଥିପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ କଂଗ୍ରେସ ଦଳ ଭାରତ ବନ୍ଦରେ ସାମିଲ ହୋଇ ଆନ୍ଦୋଳନ କରିଛି ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ଅବସରରେ କୃଷକମାନଙ୍କର ବୃହତର ହିତ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ କଂଗ୍ରେସ ନେତୃବୃନ୍ଦ, ଜିଲ୍ଲା କଂଗ୍ରେସ ସଭାପତି, ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର କର୍ମକର୍ତାମାନେ ୧୯ଟି ସମଭାବାପର୍ଣ୍ଣ ଦଳର ନେତୃବୃନ୍ଦ ଓ କର୍ମକର୍ତା ଓ ସର୍ବୋପରି ସାଧାରଣ ଜନତା ବନ୍ଦରେ ସ୍ୱତଃସ୍ଫୂତ ସକ୍ରୀୟ ସହଯୋଗ ଓ ଅଂଶଗ୍ରହଣ କରି ପୂର୍ଣ୍ଣ ମାତ୍ରାରେ ବନ୍ଦକୁ ସଫଳ କରିଥିବାରୁ ଓଡ଼ିଶାବାସୀ ଏବଂ କଂଗ୍ରେସ କର୍ମୀଙ୍କୁ ଶ୍ରୀଯୁକ୍ତ ପଟ୍ଟନାୟକ ଧନ୍ୟବାଦ ଜଣେଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଗତକାଲି ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ଭାରତ ବନ୍ଦର ଧର୍ମଘଟରେ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକଙ୍କ ସମେତ ଏଆଇସିସି ସଂପାଦକ ଜି ରୁଦ୍ର ରାଜୁ, ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ମନୋରନ ଦାଶ, ପଦ୍ମାକର ଗୁରୁ, କିଶୋର ଜେନା, ଅମୀୟ କୁମାର ପଟ୍ଟନାୟକ, ସୁଦର୍ଶନ ଦାସ, ସତ୍ୟବ୍ରତ ନାୟକ, ପ୍ରଣତୀ ମିଶ୍ର, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ଜୟକୃଷ୍ଣ ମଲ୍ଲିଆ, ମିହିରି ଆଚାର୍ଯ୍ୟ, ଲିଙ୍ଗରାଜ ସାହୁ, ପ୍ରକାଶ ମିଶ୍ର, ରାଜକିଶୋର ବାରିକ, ତ୍ରିନାଥ ସାହୁ, ସାଗର ପରିଡ଼ା, ସିଲି ସେଠୀ, ସଂକୁନା କହଁର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପଦ୍ମଶ୍ରୀ ମୋହନ ନାୟକଙ୍କ ୩୮ତମ ଶ୍ରାଦ୍ଧ ଦିବସ ପାଳିତ

ବ୍ରହ୍ମପୁର (ପିଏନ୍)- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦଳିତ ନେତା ତଥା ପୂର୍ବତନ ସାଂସଦ ଏବଂ ମନ୍ତ୍ରୀ ସ୍ୱର୍ଗତ ପଦ୍ମଶ୍ରୀ ମୋହନ ନାୟକଙ୍କ ୩୮ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସବରେଜିଷ୍ଟ୍ରାର ଅଫିସ ଛକ ଠାରେ ମୋହନ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିସହ ଧାନମେରା ସାହି ଗାନ୍ଧୀ ମଣ୍ଡପ ଠାରେ ମୋହନ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ ଯୋଗଦେଇ ମୋହନ ନାୟକ ଦଳିତ ନିଷ୍ପେସିତ ଜନତାଙ୍କ ପ୍ରାଣକର୍ତ୍ତା ଏବଂ ଜଣେ ତ୍ୟାଗୀ ପୁରୁଷ ଥିଲେ ବୋଲି କହିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସୁକାନ୍ତ ମୁଖି, ପୂର୍ବତନ କର୍ପୋରେଟର ଅନିଲ କୁମାର ନାୟକ, ବାନାମ୍ବର ନାୟକ, ଚିନ୍ତାମଣି ନାୟକ, ମନୋରଞ୍ଜନ ଲିମାଇ, ରାଜେଶ ନାୟକ, ବିଶ୍ୱନାଥ ଘଡ଼େଇ, ପ୍ରଭାକର ନାୟକ, ଜନାର୍ଦ୍ଦନ ଘଡ଼େଇ, ବାବୁରାଓ ଘଡ଼େଇ ଓ ଫାଲଗୁନ ମାଧେଇ ଉପସ୍ଥିତ ରହି ମୋହନ ବାବୁଙ୍କ ସ୍ମୃତିଚାରଣ କରିଥିଲେ।

## ଗୋହିରା ପଂଚାୟତରେ କଂଗ୍ରେସ ନେତାଙ୍କ ରକ୍ତଦାନ

କେଶଦୂରାପାଳ (ପିଏନ୍): ଘଷିପୁରା ବ୍ଲକ ଗୋହିରା ଗ୍ରାମ ପଂଚାୟତ ଓସ୍ତପୁରା ଗ୍ରାମର ମୁନା ମହାକୁଡ କୀଡିନୀ ରୋଗରେ ଆକ୍ରାନ୍ତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଖବର ପାଇ ଗୋହିରା ପଂଚାୟତର କଂଗ୍ରେସ ସଭାପତି ଅଟଳ ବିହାରୀ ମହାନ୍ତି ଓ ଯୁବନେତା ଦୈତାରୀ ମହାକୁଡ ଡାକ୍ତରଖାନାରେ ପହଂଚି ମୁନା ମହାକୁଡଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ରକ୍ତର ଆବଶ୍ୟକତା ଜାଣି ରକ୍ତ ଭଣ୍ଡାରରେ ପହଂଚି ରକ୍ତଦାନ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେନ୍ଦ୍ରାପଡା ଜିଲାରେ ବାଲ୍ୟ ବିବାହ ବନ୍ଦ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ




କେନ୍ଦ୍ରାପଡ଼ା : ସମ୍ପ୍ରତି ବାଲ୍ୟ ବିବାହ ବହୁ ମାତ୍ରାରେ ଅବାଧରେ ଚାଲୁଥିବା ବେଳେ ବାଲ୍ୟ ବିବାହ ନିଷେଧ ଆଇନ-୨୦୦୬ର କାର୍ଯ୍ୟକାରିତା ନେଇ ଏକ ସଚେତନତା କାର୍ଯ୍ୟକ୍ରମ କେନ୍ଦ୍ରାପଡା ବ୍ଲକ ସଭାଗୃହରେ ଆଜି କଟକର ସଂଯୋଗ ଅନୁଷ୍ଠାନ ତଥା ଜିଲା ଶିଶୁ ମଙ୍ଗଳ ସମିତି ଓ ଜିଲା ଶିଶୁ ସୁରକ୍ଷା ବିଭାଗର ମିଳିତ ଆନୁକୁଲ୍ୟରେ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ କେନ୍ଦ୍ରାପଡାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣୀ ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଚିହ୍ନୟୀ ରଥ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଭଗବତୀ ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ସଂଯୋଗର କ୍ଷେତ୍ରୀୟ ସଂଯୋଜିକା ରୂପାଲି ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ ଜିଲାରେ କିଭଳି ଆଇନ ପରିସରର ମଧ୍ୟରେ ଏହି ସେବା ଯୋଗାଇ ଦିଆଯାଉଛି ତାହାର ଏକ ଚିତ୍ର ଉପସ୍ଥାପନା କରିଥିଲେ । ଜିଲା ସମାଜ କଲ୍ୟାଣ ଅଧିକାରିଣୀ ତାଙ୍କ ଅଭିଭାଷଣରେ ଜିଲାରେ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଘୋଷଣା କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ସହ ପ୍ରତି ଗ୍ରାମପଞ୍ଚାୟତସ୍ତରରେ ରାଜ୍ୟ ସରକାରଙ୍କ ତରଫରୁ ପ୍ରସ୍ତାବିତ କମିଟି ଗଠନ କରାଯାଇ ନିୟମିତ ବୈଠକ କରିବାକୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ତଥା ବାଲ୍ୟ ବିବାହ ନିରୋଧ ଅଧିକାରିଣୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରା ତାଙ୍କ ଅଭିଭାଷଣରେ ସରକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ଗ୍ରାମାଞ୍ଚଳସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ସମସ୍ତ କର୍ମକର୍ତ୍ତା ସ୍ୱତଃପ୍ରବୃତ୍ତ ଭାବେ କାମକଲେ ଖୁବ୍ ଶୀଘ୍ର ଏହାର ସୁଫଳ ମିଳିବ ବୋଲି ଆଶା ପୋଷଣ କରିଥିଲେ । ଅନ୍ୟତମ ଅତିଥି ତଥା କାର୍ଯ୍ୟକ୍ରମର ଅଂଶୀଦାର ଭାରପ୍ରାପ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ 'ଶିଶୁପାଇଁ ଦିନଟିଏ' କାର୍ଯ୍ୟକ୍ରମ କିଭଳି ଜିଲାରେ କାର୍ଯ୍ୟକାରୀ ହେବ ତାହାର ଏକ ରୂପରେଖ ସମସ୍ତଙ୍କ ଅବଗତି ନିମନ୍ତେ ଉପସ୍ଥାପନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ତଥା ବାଲ୍ୟ ବିବାହ ନିରୋଧ ଅଧିକାରିଣୀ, ମହିଳା ସୁପରଭାଇଜର, ସ୍ୱାଧାର ଗୃହ, ଶିଶୁ ଯତ୍ନ ଗୃହ, ଚାଇଲ୍ଡ ଲାଇନ, ଜିଲା ଶିଶୁ ମଙ୍ଗଳ ସମିତି ଓ ଜିଲା ଶିଶୁ ସୁରକ୍ଷା ବିଭାଗର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ । ଶେଷରେ ଶିଶୁ ମଙ୍ଗଳ ସମିତିର ସଭ୍ୟା ସ୍ମିତାଞ୍ଜଳୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିବା ସହିତ ଏଭଳି ସଚେତନତା କାର୍ଯ୍ୟକ୍ରମ ପ୍ରତିବ୍ଲକରେ କରାଯିବାକୁ ପ୍ରସ୍ତାବ ରଖିଥିଲେ ।

## ଦରଡିପାଳ ଓ ରେକୁଟିଆ ଗ୍ରାମରେ ପାରମ୍ପରିକ ଖୁଦୁରୁକୁଣୀ ଓଷା ପାଳନ

କେଶଦୂରାପାଳ: ଘଷିପୁରା ବ୍ଲକ ଦରଡିପାଳ ଓ ରେକୁଟିଆ ଗ୍ରାମରେ ପାରମ୍ପରିକ ଖୁଦୁରୁକୁଣୀ ଓଷା କୋଭିଡ୍ ନିୟମ ପାଳନ ପୂର୍ବକ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଦରଡିପାଳ ଗ୍ରାମର ବିଭିନ୍ନ ସାହି ମାନଙ୍କରେ କୁମାରୀ ବ୍ରତଧାରୀମାନେ ନୀତି ନିୟମ ଅନୁଯାୟୀ ଭାଦ୍ରବ ମାସର ପ୍ରତ୍ୟେକ ରବିବାର ଦିନ ସନ୍ଧ୍ୟାରେ ପୂଜାର୍ଚ୍ଚନା କରିଥିଲେ । ସ୍ଥାନୀୟ ଶିଳ୍ପୀଙ୍କ ଦ୍ୱାରା ଖୁଦୁରୁକୁଣୀ ମୂର୍ତ୍ତି ନିର୍ମାଣ କରିଥିବା ବେଳେ ପାହାଡପୁର ଗ୍ରାମର ଗୁଡୁ ରାଉତଙ୍କ ଆଲୋକ ସଜ୍ଜା ଖୁବ୍ ଆକର୍ଷଣୀୟ ହୋଇଥିଲା । କମିଟିର ମୁଖ୍ୟ ରୁପାରାଣୀ ମହାନ୍ତି, ବକଟି ମହାନ୍ତି, ଟିକି ମହାନ୍ତି, ରୋଜି ନାୟକ,ଲିଲି ନାୟକ, ଜ୍ୟୋତି ନାୟକ ଓ ଦେବସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାହିର ମୁଖିଆ କେଶବ ନାୟକ, ବିନୋଦ ନାୟକ, କାହ୍ନୁ ନାୟକ ଓ ବିକି ଜେନା ପ୍ରମୁଖ ସହଯୋଗ କରିଥିଲେ । ସେହିପରି ରେକୁଟିଆ ନିମ ଛକ ପୂଜା ମଣ୍ଡପରେ ରେକୁଟିଆ ଗ୍ରାମର କୁମାରୀ ବ୍ରତଧାରୀମାନେ ପାରମ୍ପରିକ ଖୁଦୁରୁକୁଣୀ ଓଷା ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିବା ବେଳେ ସୋମବାର ଦିନ ସନ୍ଧ୍ୟାରେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ସେଣ୍ଢଇ ନଦୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ପୋଷଣମାସ ପାଳିତ




କେନ୍ଦ୍ରାପଡ଼ା : ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ତୁଳସୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଆଜି ପୋଷଣମାସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଏକମାସ ଧରି ଚାଲିବ । ଆଜିର କାର୍ଯ୍ୟକ୍ରମରେ "ଶିଶୁର ଶାରୀରିକ ଓ ମାନସିକ ବିକାଶରେ ପୋଷଣର ଭୂମିକା" ଶୀର୍ଷକ ଏକ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ରୀ ସାହୁ ସ୍ୱାଗତ ଭାଷଣ ଦେବା ସହିତ ମନୁଷ୍ୟ ଶରୀର ପାଇଁ ପୋଷଣର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । +୩ ଜାତୀୟ ସେବା ଯୋଜନା ଅଧିକାରୀ ଡଃ ମଥୁରୀ ଚରଣ ନାୟକ ବର୍ତ୍ତମାନ ସମୟରେ ସୁସ୍ଥ ଶରୀର ପାଇଁ କେଉଁ କେଉଁ ପ୍ରକାରର ପୋଷଣର ଆବଶ୍ୟକତା ରହିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଡଃ କଳ୍ପନା ବିଶ୍ୱାଳ ପୋଷଣର ଅର୍ଥ ଓ କିଭଳି ମନୁଷ୍ୟର ସୁସ୍ଥ ସଠିକ୍ ଓ ସନ୍ତୁଳିତ ପୋଷଣର ଆବଶ୍ୟକତା ରହିଛି ଏବଂ ସଠିକ ପୋଷଣର ଅଭାବରେ ଆମ୍ଭେମାନେ କେଉଁ କେଉଁ ରୋଗର ଶିକାର ହୋଇଥାଉ ସେ ସମ୍ପର୍କରେ ଆଲୋଚନା କରିଥିଲେ । +୩ ଜାତୀୟ ସେବା ଯୋଜନା ଅଧିକାରୀ ଡଃ ପଦ୍ମଜା କବି ଶତପଥୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । +୨ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ଜୟଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା/ଅଧ୍ୟାପକ ଛାତ୍ରୀ ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ ।

## ମୃତ୍ତିକା ସଂରକ୍ଷଣ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସୀତାରାମ ମିଶ୍ରଙ୍କ ପରଲୋକ

କେନ୍ଦୁଝର: ମୃତ୍ତିକା ସଂରକ୍ଷଣ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ତଥା ମନୋଜ ମରୀ ଶିଶୁ ଭବନର ସଦସ୍ୟ ସୀତାରାମ ମିଶ୍ରଙ୍କ ଆଜି କେନ୍ଦୁଝର ଗୋବିନ୍ଦପୁରସ୍ଥିତ ବାସଭବନରେ ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା । ମୃତ୍ୟୁ ଖବର ପାଇ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହିତ ବହୁ ରାଜନୈତିକ ଦଳର ନେତୃବୃନ୍ଦ,ଧାର୍ମିକ ଅନୁଷ୍ଠାନ,ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତାମାନେ ଶେଷ ଦର୍ଶନ କରି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେ ଦୀର୍ଘ ବର୍ଷ ହେବ ମୃତ୍ତିକା ସଂରକ୍ଷଣ ବିଭାଗରେ କାର୍ଯ୍ୟ କରି ଯୁଗ୍ମ ନିର୍ଦ୍ଦେଶକ ଭାବେ ଅବସର ନେଇଥିଲେ । ଚାକିରୀରୁ ଅବସର ପରେ ସେ ଜଣେ ସମାଜସେବୀ ଭାବେ କାର୍ଯ୍ୟ କରିବା ସହ ମନୋଜ ମରୀ ଶିଶୁ ଭବନ ସଦସ୍ୟ ମଧ୍ୟ ଥିଲେ । ପିତୃମାତୃହୀନ ଶିଶୁଙ୍କ ସୁଖଦୁଃଖ ସବୁବେଳେ ବୁଝୁଥିଲେ । ତାଙ୍କ ଶେଷ ସମୟରେ ସ୍ତ୍ରୀ,ଦୁଇ କନ୍ୟା,ଜାମାତା,ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଶୋକପ୍ରକଟ କରିଛନ୍ତି । କେନ୍ଦୁଝର ମନୋଜ ମରୀ ଶିଶୁଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର,ଜିବି ଶାସ୍ତ୍ରୀ,ଭରତ ଚନ୍ଦ୍ର ସାହୁ,ବୈକୁଣ୍ଠ ନାରାୟଣ ମିଶ୍ର,ଶରତ ଚନ୍ଦ୍ର ସାମଲ,ନବକିଶୋର ଗିରି ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି ।

# ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ସ୍ୱନକ୍ଷତ୍ର ଦିବସ ଓ ରାଧାନାଥ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା : କବିବର ରାଧାନାଥ ରାୟ ଆଧୁନିକ ଓଡିଆ ସାହିତ୍ୟର ଯୁଗସ୍ରଷ୍ଟା । ବିଦେଶୀ ସାହିତ୍ୟର ସମୃଦ୍ଧ କଥାବସ୍ତୁ ଗୁଡିକୁ ନିଜର ଅତୁଳନୀୟ ସୃଷ୍ଟିଶୀଳତା ମାଧ୍ୟମରେ ସଂଖ୍ୟାଧିକ ଅମର କାବ୍ୟ ସୃଷ୍ଟିକରି ସେ ଓଡିଆ ଭାଷା ଭଣ୍ଡାରକୁ ସମୃଦ୍ଧ କରି ପାରିଥିଲେ । ଏହା ଓଡିଆ ଭାଷା ଆନ୍ଦୋଳନକୁ ପରିପୃଷ୍ଟ କରିବା ସହ ଦେଶର ଭାଷା ଭିତ୍ତିକ ପ୍ରଥମ ପ୍ରଦେଶ ଗଠନରେ ସହାୟକ ହୋଇଥିଲା ବୋଲି କବିବରଙ୍କ ୭୪ତମ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଜୟନ୍ତୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ସଂଗଠନର ଜିଲ୍ଲା ଶାଖାର ୨୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସଭାପତି ପ୍ରାଧ୍ୟାପକ ନନ୍ଦ କିଶୋର ପରିଡାଙ୍କ ପରିଚାଳନାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେନ୍ଦ୍ର ନାଥ ଆଚାର୍ଯ୍ୟ ମୁଖ୍ୟବକ୍ତା ରୂପେ ଯୋଗଦେଇ ଓଡିଆ ସାହିତ୍ୟକୁ ରାଧାନାଥ ରାୟଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ଶାଖାର ସମ୍ପାଦକ ଡଃ. ବାସୁଦେବ ଦାସ ସଂଗଠନର ବିଗତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ପ୍ରକାଶ କରିଥିଲେ ।



ସଂଗଠନ ସମ୍ପାଦକ ଗୋପାଳକୃଷ୍ଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୃସିଂହ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜିବି ଧରଣୀଧର ସୁଆର, ନିରଞ୍ଜନ ମେକାପ, ଶୁଭାଂଶୁ ଦାସ, ଆଦିକନ୍ଦ ରାଉଳ, ଆଶିଷ ସେନାପତି, ରମଣୀରଞ୍ଜନ ରାଉତରାୟ, ପାର୍ଥସାରଥୀ ବେହେରା, ଅବଧୂତ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ବିଶିଷ୍ଟ ସାହିତ୍ୟିକା ମନୋରମା ମହାପାତ୍ରଙ୍କ ଉଦେଶ୍ୟରେ ଏକ ମିନିଟ ନିରବ ଶ୍ରଦ୍ଧାର୍ପଣ କରାଯାଇଥିଲା । କଣ୍ଠଶିଳ୍ପୀ ଗୋଲଖ ସେଠୀ ଉଦଘାଟନୀ ସଂଗୀତ ଗାନ କରିଥିଲେ ।

# ଜିଲ୍ଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବା ଅଭିଯାନ

କେନ୍ଦୁଝର: ଜିଲ୍ଲାରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟ ନାରାୟଣ ମାଳି ଶ୍ରମ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବା ପାଇଁ ତାଙ୍କ ଅଭିଯାନ ଜାରି ରଖିଛନ୍ତି । ସୂଚନାଯୋଗ୍ୟ ଯେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକ ମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନର ଭୂମିକା ଅନସ୍ୱି କାର୍ଯ୍ୟ । ଶ୍ରମିକ ଯେତେବେଳେ ତାର ପ୍ରକୃତ ନ୍ୟାୟ ପ୍ରାପ୍ତିରୁ ବଂଚିତ ହୁଏ ସେତେବେଳେ ସେ ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୁଏ ଉଚିତ୍ ନ୍ୟାୟ ପାଇବା ପାଇଁ । ଏତଦ୍‌ବ୍ୟତୀତ ଶ୍ରମଜୀବୀଙ୍କ ପାଇଁ ସରକାରୀ ସାହାଯ୍ୟ ଓ ସୁବିଧା ଗୁଡିକ ପାଇଁ ଶ୍ରମ ବିଭାଗରେ ପିକରଣ ବାଧ୍ୟତା ମୂଳକ ହୋଇଥିବାରୁ ଏ ବିଭାଗ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ବହୁ ଶ୍ରମଜୀବୀ ଶ୍ରମ କାର୍ଯ୍ୟାଳୟକୁ ଯାଇ ନିଜର ଅଭିଯୋଗ ଜଣାଇବାକୁ ସାହାସ ସଂଚୟ କରିନଥାନ୍ତି । ଏହାର ସୁଯୋଗ ନେଇ ସେମାନେ ଦଲାଲଙ୍କ ହାବୁଡରେ ପଡିଥାନ୍ତି । ସମ୍ପୃକ୍ତ ଦଲାଲ କାର୍ଯ୍ୟ କରାଇ ଦେବାପାଇଁ ତାଙ୍କ ଠାରୁ ହଜାର ହଜାର ଟଙ୍କା ନେଇଥାନ୍ତି । ଶ୍ରମ ଅଧିକାରୀ ଶ୍ରୀ ମାଳି କାର୍ଯ୍ୟରେ ଯୋଗ ଦେବା ପରେ ପରେ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଦୃଢ ପ୍ରୟାସ ଆରମ୍ଭ କରି ଦେଇଛନ୍ତି । ଫଳରେ ଦଲାଲ ମାନଙ୍କର ରୋଜଗାର ଏକପ୍ରକାର ଠପ୍ ହୋଇଯିବା ଦେଖି ବହୁ ଦଲାଲ କୁତ୍ସା ରଟନା କରିବା ଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ବିଭିନ୍ନ ଧମକ ଚକମ ଦେବା ମଧ୍ୟ ଆରମ୍ଭ କଲେଣି ।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପଞ୍ଚାୟତ ସମେତ ମଳଦା,ଫୁଲଝର,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପଞ୍ଚାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରି କାରଖାନା କର୍ତ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟକୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ଯୋଡାରେ ଟାଟାଷ୍ଟିଲ ଜନଶୁଣାଣୀ ସଫଳ, ଲୋକଙ୍କ ଦାବୀ ପୂରଣ ପାଇଁ ଦେଲେ ପ୍ରତିଶ୍ରୁତି

ଯୋଡା: କେନ୍ଦୁଝର ଜିଲା ଯୋଡା ଖଣି କ୍ଷେତ୍ର ଅନ୍ତର୍ଗତ ଯୋଡା ପୌରପାଳିକାରେ ଅବସ୍ଥିତ ଟାଟା କମ୍ପାନୀଙ୍କ ପୂର୍ବଯୋଡା ଲୌହ ଖଣିର ସମ୍ପ୍ରସାରଣ ଜନିତ ଜନଶୁଣାଣୀ ସଫଳ ହୋଇଥିବା ଜଣାପଡିଛି । ମଙ୍ଗଳ ବାର ଦିନ ୧୧ଟା ସମୟରେ ଯୋଡାସ୍ଥିତ କେନ୍ଦ୍ରୀୟ ଖେଳପଡିଆଠାରେ ଏହି ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝରର ଅତିରିକ୍ତ ଜିଲାପାଳ ଶୁଶମା ବିଲୁଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କେନ୍ଦୁଝରର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ମାନ ଶୁଣିଥିଲେ । ଏହି ୬୭୧.୦୯୩ ହେକ୍ଟର ପରିମିତ ଖଣିଟିରେ ଲୁହାପଥର ଉତ୍ପାଦନ ବାର୍ଷିକ ୧୨ ନିୟୁତ ଟନରୁ ୧୯.୫ ନିୟୁତ ଟନ୍ (ଆରଓଏମ୍) ସର୍ବମୋଟ ବାର୍ଷିକ ୨୨.୯୪ ନିୟୁତ ଟନ୍ ଖନନ ସହିତ ବେନିଫିକେସନ ପ୍ଲାଣ୍ଟ ଥ୍ରୋପୁଟ କ୍ଷମତା ବାର୍ଷିକ ୧୨ ନିୟୁତ ଟନ୍‌ରୁ ୧୭.୬ ନିୟୁତ ଟନ୍‌କୁ ବୃଦ୍ଧି କରିବା ନିମନ୍ତେ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମୁରୀ ନିମନ୍ତେ ଏହି ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଏହି ଜନଶୁଣାଣୀରେ ଯୋଡା ପୌରାଞ୍ଚଳର ଯୋଡା, ବନେଇକଳା, କମାର ଯୋଡା, ବାଂଶପାଣି, ଖୁଣ୍ଟପାଣି, ବିଛାକୁଣ୍ଡି ରାଜସ୍ୱ ଗ୍ରାମ ସହିତ ୧୪ ଟି ୱାର୍ଡର ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ସେମାନଙ୍କ ମତାମତ ପ୍ରଦାନ କରିଥିଲେ । ମୋଟ ୧୧୮ଜଣ ନିଜର ମତ ସାବ୍ୟସ୍ତ କରିଥିବାବେଳେ ସେଥି ମଧ୍ୟରୁ ୧୧୩ ଜଣ ଏହି ସମ୍ପ୍ରସାରଣ ସପକ୍ଷରେ ନିଜର ମତ ଦେଇଥିବା ବେଳେ ୫ଜଣ କମ୍ପାନୀ ନିକଟରେ କେତେକ ଦାବି ଉପସ୍ଥାପନକରିଥିଲେ । ଦାବି ଗୁଡିକ ମଧ୍ୟରେ ପ୍ରଧାନତଃ କର୍ମ ନିଯୁକ୍ତିରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକ-ଯୁବତୀଙ୍କୁ ଅଗ୍ରାଧିକାର, ଟାଟା ଡାକ୍ତରଖାନାରେ ରୋଗୀ ଶଯ୍ୟା ବୃଦ୍ଧି, ସିଟିସ୍କାନ, ଏମଆରଆଇ, ଡାଇଲୋସିସ୍ ବ୍ୟବସ୍ଥା, ଟାଟା ଡିଏଭି ସ୍କୁଲରେ ମାସିକ ଦେୟ ହ୍ରାସ ପ୍ରଭୃତି ରହିଥିଲା । ତେବେ ଟାଟା କମ୍ପାନୀଙ୍କ ସାଧାରଣ ପରିଚାଳକ (ଓଏମକ୍ୟୁ) ଅତୁଲ ଭଟ୍ଟନାଗର ଜନସାଧାରଣଙ୍କର ସମସ୍ତ ସର୍ତ୍ତ ଗୁଡିକୁ ମାନି ନେଇଥିଲେ । ଖଣି ସମ୍ପ୍ରସାରଣପରେ ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଯୁବ ପିଢୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ଯୋଡା ସ୍ଥିତ ଟାଟା ଡାକ୍ତରଖାନାକୁ ସୁପର ସ୍ପେସାଲିଟି ଡାକ୍ତରଖାନାରେ ପରିଣତ କରିବା, ଡିଏଭି ସ୍କୁଲରେ କମିଟି ମାଧ୍ୟମରେ ୪୦ ଜଣ ଗରୀବ ମେଧାବୀ ଛାତ୍ର-ଛାତ୍ରୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଶିକ୍ଷାଦାନ ସହିତ ପ୍ରତି ୱାର୍ଡରେ ପାରିପାର୍ଶ୍ୱିକ ଉନ୍ନୟନ ନିମନ୍ତେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

## ଅଜଗର ମୁହଁରୁ ବର୍ତ୍ତିଲେ ଯୁବକ ବୁଧୁ ମୁଣ୍ଡା

ଘଷିପୁରା: ଘଷିପୁରା ବ୍ଲକ ତୁଳସୀପୁର ଗ୍ରାମ ବାବାଜୀ ଚରଣ ପାତ୍ରଙ୍କ ଘରେ ହରିଚନ୍ଦନପୁର ବ୍ଲକ ଆଖୁପାଳ ଗାଁର ବୁଧୁ ମୁଣ୍ଡା ନାମକ ଯୁବକ ରହି କାମଧନ୍ଦା କରୁଥିଲେ । ଗତ ସୋମବାର ଦିନ ବୁଧୁ ମୁଣ୍ଡା ତୁଳସୀପୁର ନିକଟସ୍ଥ ସେଣ୍ଢେଇ ନଦୀ କୂଳରେ ଗାଈ ଚରାଇବାକୁ ଯାଇଥିବା ବେଳେ ଏକ ବିରାଟକାୟ ଅଜଗର ସାପ ବୁଧୁଙ୍କୁ ନଦୀ ଭିତରକୁ ଟାଣି ନେଇଥିଲା । ମାତ୍ର ସାହସୀ ଯୁବକ ସାହସ ଜୁଟାଇ ହାତରେ ଥିବା ଛତାବାଡି ସାହାଯ୍ୟରେ ନିଜକୁ ସାପ କବଳରୁ ମୁକ୍ତି ପାଇଁ ଚେଷ୍ଟା କରି ଚାଲିଥିବା ବେଳେ ଜନୈକ ବାଳକ ଏହା ଦେଖି ଗାଁ ଲୋକଙ୍କୁ ଖବର ଦେବାପରେ ଗାଁ ଲୋକେ ମିଳିତ ଭାବେ ବୁଧୁଙ୍କୁ ନଦୀ ଭିତରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଡାକ୍ତରଙ୍କ କହିବା ଅନୁଯାୟୀ ପୀଡିତଙ୍କ ଗୋଡ ଏବଂ ଅଣ୍ଟାରେ ଯନ୍ତ୍ରଣା ହେଉଥିବାରୁ ତାଙ୍କୁ ଏକ୍ସରେ କରାଯାଇଛି । ଏବେ ଯୁବକ ଜଣକ ବିପଦମୁକ୍ତ ଅଛନ୍ତି । ଘଟଣା ଦିନ ଦେଓଗାଁ ବନଅଧିକାରୀ ସୁରେନ୍ଦ୍ର କୁମାର ହେମ୍ବ୍ରମ, ବନପାଳ ଶ୍ୟାମସୁନ୍ଦର ସାହୁ ଓ ସ୍ନେକ୍ ହେଲ୍ପଲାଇନ୍ ନଦୀ ଘାଟରେ ପହଂଚି ତନାଘନା କରିଥିଲେ ମଧ୍ୟ ଅଜଗର ସାପକୁ ଠାବ କରିପାରିନଥିବା ଜଣାପଡିଛି ।

# ଶିବଶକ୍ତି ସୋସିଆଲ ଡେଭ୍‌ଲପମେଣ୍ଟ ଅର୍ଗାନାଇଜେସନ୍ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ରାସ୍ତା ମରାମତି

ଆନନ୍ଦପୁର: :କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସେବା ସଂସ୍ଥା ରୂପେ ସୁପରିଚିତ ଶିବଶକ୍ତି ସୋସିଆଲ ଡେଭଲପମେଣ୍ଟ ଅର୍ଗାନାଇଜେସନ ବିଗତ କିଛି ମାସ ହେଲା ଅନେକ ସାମାଜିକ କାର୍ଯ୍ୟ କରି ବେଶ୍ ପ୍ରଶଂସା ଆପଣେଇଛନ୍ତି । ଏହି ସଂସ୍ଥା କିନ୍ତୁ ଆଜି ଆଉ ଏକ ମହାନ କାର୍ଯ୍ୟ କରି ପ୍ରଶାସନର ମୁହଁ ବନ୍ଦ କରି ଦେଇଛି । ସୂଚନା ଅନୁଯାୟୀ ଗତ କିଛିମାସ ହେଲା ଅନେକ ସ୍ଥାନରେ ପାଣି ପାଇପ କାର୍ଯ୍ୟ ଚାଲିଛି । କେଉଁ ଜାଗାରେ ସମ୍ପୂର୍ଣ୍ଣ ହୋଇଛି ତ କେଉଁ ଜାଗାରେ ଅସମ୍ପୂର୍ଣ୍ଣ ହୋଇଛି ଏହି ମେଗା ଯୋଜନା । କିନ୍ତୁ ଅନେକ ସ୍ଥାନରେ ରାସ୍ତାକୁ ଖୋଳି ପାଇପ୍ ମଧ୍ୟ ବିଛା ଯାଇଛି । କିନ୍ତୁ ପାଇପ୍ ବିଛେଇ ଦେଇ ଆଉ ସେହି ରାସ୍ତାକୁ ମରାମତି କରିବା ଦେଖିବାକୁ ମିଳିନାହିଁ । ଏହି ଅସୁବିଧାଟି ମୁଖ୍ୟତଃ ଗ୍ରାମାଞ୍ଚଳରେ ଦେଖିବାକୁ ମିଳୁଛି । ବର୍ଷା ଯୋଗୁଁ ରାସ୍ତାଘାଟର ଅବସ୍ଥା ପୁରା ବେହାଲ ହୋଇଗଲାଣି । ଗତ କିଛିଦିନ ତଳେ ବଡରମ୍ପାସ ଗ୍ରାମ ପଂଚାୟତ ଅଧିନ ଇଶଳା ଠାରୁ ଧାନଘର ଯିବା ରାସ୍ତାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ରାସ୍ତା ଦେଇ ଇଶଳା, ଧାନଘର, ଇଞ୍ଜୋଳ, ଭୂତପଦା, ପରମାନନ୍ଦପୁର, ଓସ୍ତପାଳ ଆଦି ଗ୍ରାମର ଲୋକମାନେ ଯାତାୟତ କରୁଥିବା ବେଳେ ବର୍ତ୍ତମାନ ଏହି ରାସ୍ତାରେ କୌଣସି ଜରୁରୀକାଳୀନ ସେବା ଯୋଗାଉ ଥିବା ଯାନ ଯାଇପାରୁ ନଥିଲା । ଉକ୍ତ ରାସ୍ତା ଦେଇ ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯାଉଥିବା ବେଳେ ଏହି ଭଙ୍ଗା ରାସ୍ତାରେ ପଡି ଅନେକ ଖଣ୍ଡିଆ ଖାବରା ହେଉଥିବା ଦେଖିବାକୁ ମିଳିଛି । ଏହି ରାସ୍ତାର ମରାମତି ପାଇଁ ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ବାରମ୍ବାର ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଗୁହାରି କରିଥିଲେ ମଧ୍ୟ ଏହାର କିଛି ବି ସମାଧାନ ହୋଇନଥିଲା । ତେବେ ଆଜି ସକାଳୁ ସଂସ୍ଥାର ସଦସ୍ୟ ମାନଙ୍କ ମିଳିତ ଉଦ୍ୟମରେ କିଛି ଅର୍ଥ ଆଦାୟ କରି ବାଲି, ସିମେଣ୍ଟ, ଚିପ୍ସ, ମେଣ୍ଟାଲ କିଣି ସେହି ସ୍ଥାନରେ ପହଂଚି ଥିଲେ । ଗ୍ରାମବାସୀଙ୍କ ସହଯାଗରେ ପ୍ରାୟ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ କରି ସେହି ରାସ୍ତାଟିକୁ ସମ୍ପୂର୍ଣ୍ଣ ମରାମତି କରିଥିଲେ ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତ୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁର୍ପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

# ଖେଳ





ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Wednesday September 29, 2021 ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୨୯,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ବେଦାନ୍ତ ଆଲୁମିନିୟମ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟର ପିଏଟି ସାଇକିଲ୍-୨ ଯୋଜନାରେ ସଫଳତା ହାସଲ କଲା



ଭୁବନେଶ୍ୱର : ଆଲୁମିନିୟମ ତଥା ମୂଲ୍ୟଯୁକ୍ତ ଉତ୍ପାଦର ଭାରତର ସର୍ବ ବୃହତ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ବ୍ୟବସାୟ, ଭାରତୀୟ ଆଲୁମିନିୟମ ଶିଳ୍ପ ମଧ୍ୟରେ ପରଫର୍ମ, ଆଚିଭ ଏବଂ ଟ୍ରେଡ (ପିଏଟି) ସାଇକିଲ୍-୨ରେ ଟପ ସ୍ପଟ ହାସଲ କରିଛି। ପରଫର୍ମ, ଆଚିଭ ଏବଂ ଟ୍ରେଡ ସ୍କିମ ହେଉଛି ଏକ ନିୟାମକ ଯାହାକି ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ନିୟୋଜିତ ଶକ୍ତି ଭିତିକ ଶିଳ୍ପରେ ନିର୍ଦ୍ଦିଷ୍ଟ ଶକ୍ତି ବ୍ୟବହାରକୁ ହ୍ରାସ କରିବା ପାଇଁ ଏକ ବଜାର ଭିତିକ କୌଶଳ ସହିତ ଅତିରିକ୍ତ ଶକ୍ତି ସଂଚୟର ପ୍ରମାଣପତ୍ର ମାଧ୍ୟମରେ ବ୍ୟୟ ହ୍ରାସ କରିବାକୁ ସକ୍ଷମ ହୋଇ ପାରିଥାଏ। ଭାରତର ଆଲୁମିନିୟମ ସ୍ମେଲଟର ମଧ୍ୟରେ ବେଦାନ୍ତର ସହାୟକ କମ୍ପାନୀ ବାଲକୋ ସର୍ବୋଚ୍ଚ ଶକ୍ତି ସଂଚୟ ପ୍ରମାଣପତ୍ର ସହିତ ଶୀର୍ଷ ସ୍ଥାନ ସୁରକ୍ଷିତ କରିଛି। ଏହା ପଛକୁ ବେଦାନ୍ତ ଝାରସୁଗୁଡ଼ାର ସ୍ମେଲଟର-୧ ରହିଛି। ଲାଞ୍ଜିଗଡରେ ବେଦାନ୍ତର ଆଲୁମିନା ରିଫାଇନାରୀ, ଆଲୁମିନା ଉତ୍ପାଦକମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ହାସଲ କରିପାରିଛି। ଆଲୁମିନା ରିଫାଇନାରୀ ପ୍ଲାଂଟରେ ବକ୍ସାଇଟ ଆଲୁମିନିୟମ ଅକ୍ସାଇଡ କିମ୍ବା ଆଲୁମିନାକୁ ବିଶୋଧିତ ହୋଇଥାଏ ଏବଂ ଆଲୁମିନିୟମ ସ୍ମେଲଟର ହେଉଛିରେ ଆଲୁମିନାରୁ ଆଲୁମିନିୟମ୍ ଉତ୍ପାଦନ ହୋଇଥାଏ। ସଫଳତା ବ୍ୟବସାୟ ଏବଂ ପରିବେଶ ସୁରକ୍ଷା ପାଇଁ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ବେଦାନ୍ତ ଆଲୁମିନିୟମ୍ ଦୀର୍ଘସ୍ଥାୟୀ ଭାବେ କାର୍ଯ୍ୟକୁ ଗୁରୁତ୍ୱ ପ୍ରଦାନ କରିଥାଏ। ବେଦାନ୍ତର ଏହି ସଫଳତା ସମ୍ପର୍କରେ ବେଦାନ୍ତ ଆଲୁମିନିୟମ ବ୍ୟବସାୟ ସିଇଓ ରାହୁଲ ଶର୍ମା କହିଲେ, ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ହୋଇଥିବାରୁ ପରିବେଶ, ସାମାଜିକ ଏବଂ ଗଭର୍ନାନ୍ସ (ଇଏସ୍‌ଜି) ସମେତ ବ୍ୟବସାୟର ସମସ୍ତ କ୍ଷେତ୍ରରେ ଶ୍ରେଷ୍ଠ ହେବା ଲକ୍ଷ୍ୟ ନେଇ ବେଦାନ୍ତ ଆଲୁମିନିୟମ୍ କାର୍ଯ୍ୟ ଜାରି ରଖିଛି। ଶକ୍ତି ସଂରକ୍ଷଣକୁ ବୃଦ୍ଧି କରିବା ଏବଂ କାର୍ବନ ନିର୍ଗମନ ହ୍ରାସ କରିବା ଆମର ସ୍ଥାୟୀ ବ୍ୟବସାୟ ବିକାଶ ଏଜେଣ୍ଡାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ। ସୁଚିନ୍ତିତ ଭାବେ ଶକ୍ତି ଉତ୍ସର ବ୍ୟବହାର, ଶକ୍ତି-ପ୍ରଦର୍ଶନ କ୍ଷମତାଯୁକ୍ତ ପରିଚାଳନା ଏବଂ ଅକ୍ଷୟ ଶକ୍ତିର ବ୍ୟବହାର ସୁନିଶ୍ଚିତ କରିବା ଆମର ତିନି ଗୁରୁତ୍ୱପୂର୍ଣ୍ଣ ରଣନୀତି। ଆମର ଶକ୍ତି ସ୍ଥିରତା ଏବଂ ଜଳବାୟୁ କାର୍ଯ୍ୟ ଲକ୍ଷ୍ୟକୁ ଆଗେଇ ନେବାରେ ଆମେ କାର୍ଯ୍ୟ ଜାରି ରଖିଛୁ। ଆମେ ଶକ୍ତି ଏବଂ ଉତ୍ସ ପରିଚାଳନା କ୍ଷେତ୍ରରେ ବିଶ୍ୱସ୍ତରରେ ଶ୍ରେଷ୍ଠ କାର୍ଯ୍ୟ ପ୍ରଣାଳୀ ଗ୍ରହଣ କରିଛୁ ଏବଂ ଆମର କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଉପଯୋଗୀ ସମାଧାନ ନିୟୋଜିତ କରିଛୁ। ଶକ୍ତି ପରିଚାଳନା ବେଦାନ୍ତ ଆଲୁମିନିୟମର ଜଳବାୟୁ କାର୍ଯ୍ୟକ୍ରମ ରୋଡମ୍ୟାପରେ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ଏହା ମାଧ୍ୟମରେ ସର୍ବାଧିକ କାର୍ଯ୍ୟକ୍ଷମତା ହାସଲ ପାଇଁ ପ୍ରୟାସ ଜାରି ରହିଛି। ବେଦାନ୍ତ ଗ୍ରୁପ୍‌ର କାର୍ବନ ଫୋରମର ସ୍ୱୀକୃତି ପ୍ରାପ୍ତ ଟ୍ୟାସ୍କ ଫୋର୍ସ ଅନ୍ କ୍ଲାଏମେଟ୍ ରିଲେଟେଡ୍ ଫାଇନାନ୍ସିଆଲ ଡିସକ୍ଲୋଜର(ଟିସିଏଫ୍‌ଡି) ଗଠନ ହୋଇଛି। ଏହା ବେଦାନ୍ତ ଆଲୁମିନିୟମ ଫ୍ରେମୱାର୍କ ଅନୁଯାୟୀ ଏହାର କାର୍ବନ ପରିଚାଳନା ପ୍ରଣାଳୀ କାର୍ଯ୍ୟକାରୀ କରିବା ଦିଗରେ ଉଦ୍ୟମ ଜାରି ରଖିଛି। ଉତ୍ପାଦନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଶକ୍ତି ବ୍ୟବହାରକୁ ଅପ୍ଟିମାଇଜ କରିବା ଏବଂ ସ୍ୱଳ୍ପ ଅଙ୍ଗାରକାମ୍ଳ ନିର୍ଗମନ ଉପରେ ଏକ ଦୀର୍ଘମିଆଦି ଯୋଜନା କାର୍ଯ୍ୟକାରୀ ହେଉଛି।ଏହି ଅବସରରେ ଲାଞ୍ଜିଗଡ ପାୱାର ପ୍ଲାଂଟର ଅପରେସନ୍ସ ଏବଂ ମେଂଟେନାନ୍ସ ପାର୍ଟନର ଆଇଜିଏସଇସି ହେଭି ଇଂଜିନିୟରିଂ ଲିମିଟେଡର ସାଇଟ ଇନ-ଚାର୍ଜ ପ୍ରଫୁଲ୍ଲ ବେହେରା କହିଲେ, ଇଂଜିନିୟରିଂ ଏବଂ ଡୋମେନ ପାରଦର୍ଶିତା ସହିତ ଆମେ ବେଦାନ୍ତ ସହ ଶକ୍ତି ଦକ୍ଷତା ଏବଂ ଶକ୍ତି ସ୍ଥିରତା ଉପରେ କାର୍ଯ୍ୟ କରୁଛୁ। ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଅଗ୍ରଣୀ ହେବା ସହିତ ବିଶ୍ୱ ସ୍ତରୀୟ ବିଶୋଧନାଗାର କାର୍ଯ୍ୟରେ ସର୍ବାଧିକ ଶକ୍ତି ଅପ୍ଟିମାଇଜେସନ ସୁନିଶ୍ଚିତ କରିବା ପାଇଁ ବେଦାନ୍ତ ସଫଳତାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆମେ ବେଶ୍ ଗର୍ବିତ। ବେଦାନ୍ତର ଆଲୁମିନା ରିଫାଇନାରୀ, ଆଲୁମିନିୟମ ସ୍ମେଲଟର ଏବଂ ପାୱାର ପ୍ଲାଂଟ୍ ଭାରତୀୟ ଉତ୍ପାଦନ କ୍ଷେତ୍ର ମଧ୍ୟରେ ଶକ୍ତି ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ହୋଇ ରହିଆସିଛି।

## ବିଦ୍ୟାଳୟଗୁଡ଼ିକୁ ପାନୀୟ ଜଳଯୋଗାଣ ପ୍ରହସନ

ଖଣ୍ଡପଡ଼ା: ଖଣ୍ଡପଡ଼ା ଅଚଂଳବାସୀଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇଦେବାର ଲକ୍ଷ୍ୟନେଇ ସରକାର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଜରିଆରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ବିଭିନ୍ନ ପଚଂାୟତରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ମାତ୍ର ଅଧିକାଂଶ ଷ୍ଟାଣ୍ଡପୋଷ୍ଟରେ ପାନୀୟଜଳ ଏବେ ଉପଲବ୍ଧ ହେଉନଥିବା ଅଭିଯୋଗ ହେଉଛି। ପାନୀୟ ଜଳଯୋଗାଣ ପମ୍ପ ହାଉସ୍‌ରୁ ପାଇପ୍ ଲାଇନ୍ ଯୋଗେ ପ୍ରତ୍ୟେକ ଗ୍ରାମ ଓ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ବିଦ୍ୟାଳୟ ଗୁଡ଼ିକରେ ଓଭରହେଡ଼ ପାଣିଟାଙ୍କି ସହ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି। ମାତ୍ର ଖଣ୍ଡପଡ଼ା ବ୍ଲକ୍‌ର ଅଧିକାଶଂ ବିଦ୍ୟାଳୟରେ ଅବସ୍ଥିତ ଏହି ଷ୍ଟାଣ୍ଡପୋଷ୍ଟ ଗୁଡ଼ିକରେ ଏବେ ଆଉ ପାନୀୟ ଜଳ ଉପଲବ୍ଧ ହେଉନାହିଁ।ଯାହାଫଳରେ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଉଁଠି ନିମ୍ନମାନର କାର୍ଯ୍ୟଯୋଗୁଁ ଓଭରହେଡ଼ ଟାଙ୍କିରୁ ପାଣି ଲିକ୍ କରୁଛିତ କେଉଁଠି ପାଇପ୍ ଲାଇନ୍ ଭାଙ୍ଗିଯାଇ ଷ୍ଟାଣ୍ଡପୋଷ୍ଟ ଶୁଖିଲାପଡ଼ିଛି। ଏହାର ମରାମତି ଓ ରକ୍ଷଣାବେକ୍ଷଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଓ ପଚାଂୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି।

## ଚଣ୍ଡିଖୋଲ ଡ଼ାକବଙ୍ଗଳା ବାଇପାସ ରାସ୍ତା ପାଲିଟିଛି ମରଣଯନ୍ତା



ଚଣ୍ଡିଖୋଲ :୫୩ ନ ଜାତୀୟ ରାଜପଥର ଚଣ୍ଡିଖୋଲ ରୁ ଡୁବୁରୀ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟଚାଲୁଅଛି। ଏହି ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବଡ଼ଚଣା - ଦର୍ପଣ- ପୂର୍ତବିଭାବଗ ରାସ୍ତାର ଡାକବଙ୍ଗଳା ପର୍ଯ୍ୟନ୍ତ ରାସ୍ତା ଏବେ ମରଣଜନତା ପଲିଟିଛି। ଏହିସ୍ଥାନରେ ଜାତୀୟ ରାଜପଥପକ୍ଷରୁ ଏକ ପୋଲର ନିର୍ମାଣ ଚାଲିଥିବାରୁ ବଡ଼ଚଣା - ଦର୍ପଣ- ପୂର୍ତବିଭାଗ ରାସ୍ତାରେ ଏବେ ଗାଡି ଚଳପ୍ରଚଳ କରୁଛି.ଏବେ ଏହି ରାସ୍ତାରେ ବଡବଡ ଗାଡ଼ସୃଷ୍ଟି ହେଇବା ଫଳରେ ଯାତୟାରେ ଅସୁବିଧା ଦେଖାଯାଇଛି।ପ୍ରତିଦିନ ଏହି ରାସ୍ତାଦେଇ ଶତାଧିକ ଭାରୀଯାନ କେନ୍ଦୁଝରଓ ସୁକିନ୍ଦା ଖଣି ଅଂଚଳରୁ ଲୁହାପଥର ବୋଝେଇକରି ପାରାଦୀପ ବନ୍ଦରକୁ ଯାଇଥାନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳ ରୁ ମଧ ପ୍ରତିଦିନ ଶତାଧିକ ଗାଡି ଜିବସିବା କରିଥାନ୍ତି,ଏହି ରାସ୍ତାଦେଇ ମଧ ରାତ୍ରିକାଳୀନ ବସ,ଜରୁରୀ ସେବା ଯୋଗାଉଥିବା ଆମ୍ବୁଲାନସ ଗାଡି ଯାତାୟାତ କରିଥାନ୍ତି। ସବୁ ସବୁ ଗାଡି ଯାତାୟାତ ଫଳରେ ଏହି ବାଇପାସ ରାସ୍ତାର ଅବସ୍ଥା ଏବେ ନକହିଲେ ଭଲ ,ବର୍ଷାହେଲେ ରାସ୍ତାସାରା କାଦୁଅ ଓ ବର୍ଷା ଛାଡିଲା ପରେ ଧୂଳିଉଡିବା ଫଳରେ ସାଧାରଣ ଯାତ୍ରୀମାନେ ନାନାଦି ହଇରାଣ ହରକତ ହେଉଛନ୍ତି.ରାସ୍ତାରେ ଥିବା ଖାଲ ଗୁଡିକରେ ପାଣିଜମି ରହିବାଫଳରେ ରାତିରେ ବେଶଶଃକରୀ ବାଇକ ଆରୋହୀ ମାନେ ଖାଲଜାଣି ନପାରି ଦୁଘଟଣାର ଶିକାର ହେଉଛନ୍ତି । ଏହି ରାସ୍ତା ଦେଇ ପଡୋଶୀ ଢେଙ୍କାନାଳକୁ ଲୋକମାନେ ଯିବାଆସିବା କରିଥାନ୍ତି ,ଉତ୍କଳ ବିଶ୍ୱବିଦ୍ୟାଳର ଦ୍ୱିତୀୟ ଗ୍ରାମୀଣ କ୍ୟାମ୍ପସ ,ସ୍ୱୟଂଶାସିତ ଚଣ୍ଡିଖୋଲ କଲେଜ ,ସରକାରୀ ବିଦ୍ୟାଳୟ ଚଣ୍ଡିଖୋଲ,ପଂଜାବ ନାସନାଲ ବ୍ୟାଙ୍କ,ଚଣ୍ଡିଖୋଲ ସବ ଡାକଘର , ପ୍ରସିଦ୍ଧ ଶୈବ ପୀଠ ମହାବିନାୟକ ଓ ଚଣ୍ଡୀମନ୍ଦିର ଥିବାରୁ ଏହି ରାସ୍ତାର ଗୁରୁତ୍ୱ ରହିଅଛି ।ଛାତ୍ରଛାତ୍ରୀ ମାନେ ଧୂଳି ଉଡିବା ଯୋଗୁ ଯିବାଆସିବା ମଧ କରିପାରୁନାହାନ୍ତି।ବାଇପାସର ଉଭୟ ପାର୍ଶ୍ୱକୁ ରାସ୍ତାକାମକରୁଥିବା ସଂସ୍ଥା ଖୋଳିଦେଇଛି ।ଉଭୟପାର୍ଶ୍ୱରେ କୌଣସି ସାଙ୍କେତିକ ଚିହ୍ନ ନଥିବାରୁ ଗାଡ଼ିଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି.ସୋମବାର ରାତିରେ ଏହିପରି ଭାବେ ଏକ ଭାରୀଯାନ ରାସ୍ତାଜାଣିନପାରି ଦୁର୍ଘଟଣା ର ଶିକାର ହେଇଏକ ପାଣିଖଳାରେ ପଡିଯାଇଥିଲା।ଏହିସବୁ ସମସ୍ୟାକୁ ତୁରନ୍ତ ସମାଧାନ ନକଲେ ଆଗାମୀ ଦିନରେ ଏହି ଅଂଚଳରେ ଜନଅସନ୍ତୋଷ ବଢ଼ିବାର ଆଶଙ୍କା ଦେଖାଦେଇଛ।ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ରୋହିତ କୁମାର ବିଶ୍ୱାଳଂକୁ ପଚାରିବାରୁ ଆମେ ଏହି ରାସ୍ତା ଜାତୀୟ ରାଜପଥକୁ ହସ୍ତାନ୍ତରକରିସାରିଛୁ ଓ ମରାମତି କାମ ଏବେ ସେମାନଙ୍କର ବୋଲି କହି ଥିଲେ।

## ପୋଲିସ ଗିରଫ ଭୟରେ ମାଲିକଙ୍କ ଦେଖା ନାହିଁ: ୩କୋଟିରୁ ଉର୍ଦ୍ଧ ମୂଲ୍ୟର ଗୋରୁଗାଡି ଖତ ଖାଉଛି



ଖଣ୍ଡପଡା : ଖଣ୍ଡପଡାଥାନା ଅଧିନ କଂଟିଲୋ ପୋଲିସ ଫାଣ୍ଡି ସମ୍ମୁଖରେ ଗତ ୧ବର୍ଷ ଧରି ଗୋରୁ ବୋଝେଇ ଗାଡିଗୁଡିକ ପଡିରହି ନଷ୍ଟ ହେଉଛି । ଖଣ୍ଡପଡା ଓ କଂଟିଲୋ ଫାଣ୍ଡି ପୋଲିସ ମିଳିତ ଭାବେ ଚଢାଉ କରି ଗୋରୁ ବୋଝେଇ ଗାଡି ଗୁଡିକୁ ଜବତ କରିଥିଲେ । ଜବତ ସମସ୍ତ ଗାଡିର ଆନୁମାନିକ ମୂଲ୍ୟ ୩କୋଟି ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି । ତେବେ ଏ ସଂପର୍କରେ ଖଣ୍ଡପଡା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କୁ ପଚାରିବାରେ ଜବତ ଗୋରୁ ଗାଡି ଗୁଡିକର ମାଲିକଙ୍କ ନାମରେ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି । ତେଣୁ ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ଖୋଜୁଥିବା ବେଳେ ପୋଲିସ ଭୟରେ ଗାଡି ମାଲିକମାନେ ଘଟଣାସ୍ଥଳକୁ ଆସୁ ନାହାନ୍ତି । ଫଳରେ ଗାଡି ସଂପର୍କୀତ କେସବାସ ମାମଲା ଫଇସଲା ହୋଇ ପାରୁନାହିଁ । ଅପରପକ୍ଷେ ଗାଡି ଗୁଡିକୁ ଖଲାସ କରିବା ପାଇଁ ଗାଡି ମାଲିକମାନେ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ଘଟଣାରେ ହସ୍ତକ୍ଷେପ କରି ଜବତ ଗୋରୁଗାଡିଗୁଡିକୁ ଖଲାସ ନକରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡିଛି । ଯଦି ଜବତ ଗୋରୁଗାଡିଗୁଡିକ ଠିକଣା ସମୟରେ ନିଲାମ କରାଯାଇଥାନ୍ତା ତାହେଲେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ପାଇ ପାରନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବାଲିଅନ୍ତା ଅଂଚଳରେ ବଢି ଚାଲିଛି ଦଳିତଙ୍କ ଉପରେ ଅତ୍ୟାଚାର



ବାଲିଅନ୍ତା /ଧଉଳୀ: ଦଳିତ ପରିବାରକୁ ସୁରକ୍ଷା ଦୃଷ୍ଟିକୁ ନଜରରେ ରଖି ସମଗ୍ର ଜୟଦେବ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟରତ ବିଭିନ୍ନ ରାଜନୈତିକ ଦଳର ଦଳିତ ତୁଙ୍ଗନେତା ଓ ବାହ୍ୟ ଦଳିତ ସଙ୍ଗଠନଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଦେଖିବାକୁ ମିଳିଛି। ବାଲିଅନ୍ତା ଥାନା ଅନ୍ତର୍ଗତ ସରକଣା ଗ୍ରାମ ପଂଚାୟତର ରଣପୁର ଗ୍ରାମରେ ଜଣେ ମୃଷ୍ଟିମେୟ ବ୍ୟକ୍ତି ଦଳିତ ମହିଳାଙ୍କୁ ନିଜ ଅଧିନରେ ରଖି ଦଳିତ ଗ୍ରାମର ଲୋକମାନଙ୍କୁ ହଇରାଣ ହରକତ କରିବା ସହ ମିଛ କେସ୍ ଦେଇ ୪ଜଣ ଦଳିତ ଯୁବକଙ୍କୁ ଜେଲ୍ ପଠାଇବା । ବେଣୁପୁର ବୁଣା ସାହି ଗ୍ରାମର ଅନୁସୁଚିତ ଜାତିର ଯୁବକ ମନୋଜ ଦାସଙ୍କୁ ସେହି ଗ୍ରାମର ସବର୍ଣ୍ଣ ଯୁବକ ଆକ୍ରମଣ ଘଟଣାରେ ଦୀର୍ଘ ଦିନ ବିତିଯାଇଥିବା ବେଳେ ପୋଲିସ୍ ଆସାମିକୁ ଗିରଫ କରିବାରେ ବିଫଳ ଓ ରଣପୁର ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ବିଭିନ୍ନ ସମୟରେ ଦଳିତ ଲୋକମାନଙ୍କୁ ମିଛ କେସ୍ ଦେଇ ଅଶାନ୍ତ ପରିବେଶ ସୃଷ୍ଟି କରିବା ଆଦି ଘଟଣାରେ ପୋଲିସ୍‌ର ନିଷ୍କ୍ରିୟତା ବିରୋଧରେ ଏକ ଶୋଭାଯାତ୍ରା ଦଳିତ ନେତା ପିତବାସ ନାୟକଙ୍କ ନେତୃତ୍ୱରେ ବିଜୟ କୁମାର ଭୋଇ, ଅଶୋକ ଭୋଇ, କବିତା ଭୋଇ, ଦୀପକ ଭୋଇଙ୍କ ଶହ ଶତାଧିକ ମହିଳା ଓ ପୁରୁଷ ବାଲିଅନ୍ତା ବଜାରରୁ ବାହାରି ବାଲିଅନ୍ତା ଥାନା ସମ୍ମୁଖ ଭାଗରେ ଧାରଣାରେ ବସିବା ସହିତ ପୋଲିସ୍ ବିରୋଧରେ ବିଭିନ୍ନ ନାରାବାଜି କରିବା ସହ ଜୋନ୍ ୪ ଏସିପି ରଜତ ରାୟଙ୍କୁ ଦାବି ପତ୍ର ଦେଇଥିଲେ । ଅପର ପକ୍ଷରେ ଏହି ଶୋଭା ଯାତ୍ରାକୁ ବିରୋଧ କରି ଜୟଦେବ ନିର୍ବାଚନ ମଣ୍ଡଳୀର ସର୍ବ ଦଳିୟ ଦଳିତ ନେତା ବେଣୁଧର ଭୋଇ, ଜୟନ୍ତ ଭୋଇ, ଦୀନବନ୍ଧୁ ଭୋଇ, କାହ୍ନୁଚରଣ ଦାସ, ଅର୍ତ୍ତତ୍ରାଣ କାଣ୍ଡି, ଶିବ ମଲ୍ଲିକ ଓ ସୋମନାଥ ବେହେରା ପ୍ରମୁଖ ଏହି ଘଟଣାକୁ ଘୋର ବିରୋଧ କରିବା ସହ ତାଙ୍କର ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ ଯେ ଜୟଦେବ ନିର୍ବାଚନ ମଣ୍ଡଳୀ ଏକ ଶାନ୍ତିପ୍ରିୟ ନିର୍ବାଚନ ମଣ୍ଡଳୀ ସବୁ ସମୟରେ ସାଧାରଣ ବର୍ଗ ଓ ଦଳିତମାନଙ୍କ ମଧ୍ୟରେ ଦିର୍ଘ ଦିନ ଧରି ସୁ ସଂମ୍ପର୍କ ରହି ଆସୁଅଛି ଏବେ ମଧ ତାହା ଅକ୍ଷୁର୍ଣ୍ଣ ରହିଛି । ଏହି ପରିପ୍ରେକ୍ଷିରେ ଏସିପି ରଜତ ରାୟ ସମମସ୍ତ ଘଟଣା ଉପରେ ତଦନ୍ତ ଜାରି ରହିଛି ଦୋସୀକୁ ନିଶ୍ଚିତ ଦଣ୍ଡ ପ୍ରଦାନ କରାଯିବ। ଆନଇ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଓ ମମତାଜ୍ ଅଲ୍ଲୀ ଖାନ୍ ଉପସ୍ଥିତ ଥିଲେ ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray